# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 January - 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ସରକାର ଗ୍ରାମାଞ୍ଚଳର ବିକାଶକୁ ସର୍ବଦା ପ୍ରାଥମିକତା ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

– ସ୍ୱାମୀତ୍ୱ ଯୋଜନାରେ ବଣ୍ଟନ କଲେ ୬୫ ଲକ୍ଷ ସମ୍ପତ୍ତି କାର୍ଡ

- ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ ସଂସଦର ବଜେଟ୍ ଅଧିବେଶନ

- କୋଣାର୍କ ଓ ରଘୁରାଜପୁର ଐତିହ୍ୟ ଗ୍ରାମ ପରିଦର୍ଶନ କଲେ ସିଙ୍ଗାପୁର ରାଷ୍ଟ୍ରପତି

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଛି ପକ୍ଷୀ ଗଣନା

*Rayagada*

# ସ୍ୱାମୀତ୍ୱ ଯୋଜନା

ଗ୍ରାମାଞ୍ଚଳର ବିକାଶକୁ ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସ୍ୱାମୀତ୍ୱ ଯୋଜନା ଅଧୀନରେ ସମ୍ପତ୍ତି କାର୍ଡ ପ୍ରଦାନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗ୍ରାମବାସୀଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।

**- V/O -**

ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ଓଡ଼ିଶା ସମେତ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ ୫୦ ହଜାରରୁ ଅଧିକ ଗ୍ରାମର ଲୋକଙ୍କୁ ୬୫ ଲକ୍ଷ ସମ୍ପତ୍ତି କାର୍ଡ ବଣ୍ଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ୨୪୨ ଜଣ ହିତାଧିକାରୀଙ୍କୁ ସମ୍ପତ୍ତି ମାଲିକାନା ଜମିପଟ୍ଟା ବଣ୍ଟନ କରିଛନ୍ତି। ରାୟଗଡ଼ା ବ୍ଲକର ୨୧୨ ଜଣ ଓ କୋଲନରା ବ୍ଲକର ୩୦ ଜଣଙ୍କୁ ଏହି ଜମିପଟ୍ଟା ବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ସ୍ୱାମୀତ୍ୱ ଯୋଜନାର ହିତାଧିକାରୀ ରାୟଗଡ଼ା ଜିଲ୍ଲାର ଗଜେନ୍ଦ୍ର ସଙ୍ଗୀତାଙ୍କ ସହ ବାର୍ତ୍ତାଳାପ କରିଛନ୍ତି।

**- V/O -**

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ରାୟଗଡ଼ା, ବିଷମ-କଟକ ବିଧାୟକ, ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗେଇ ନେବା ଲକ୍ଷ୍ୟରେ ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ।

***Desk***

## ସଂସଦ ଅଧିବେଶନ

ସଂସଦର ବଜେଟ ଅଧିବେଶନ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନ ୨ଟି ପର୍ଯ୍ୟାୟରେ ବସିବ । ଆସନ୍ତା ୩୧ ତାରିଖରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରଥମ ଅଧିବେଶନରେ ୧୦ଟି କାର୍ଯ୍ୟ ଦିବସ ଏବଂ ମାର୍ଚ୍ଚ ୧୦ ତାରିଖରୁ ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଦ୍ୱିତୀୟ ଅଧିବେଶନରେ ୧୮ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଫେବୃୟାରୀ ପହିଲାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆଗତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

*BBSR/R/Puri*

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗ୍ ରତ୍ନମ ଆଜି ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ପୁରୀ ଜିଲ୍ଲାର ରଘୁରାଜପୁର ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତି ସ୍ଥାନୀୟ ଲୋକଙ୍କ ଘରେ ପଟ୍ଟଚିତ୍ର ତିଆରି ଶୈଳୀ ଦେଖିବା ସହ ଶିଳ୍ପୀଙ୍କ ସହିତ ଆଲୋଚନା କରିଛନ୍ତି। ଓଡ଼ିଶାର କଳା ସଂସ୍କୃତି ଓ ଗୋଟି ପୁଅ ନୃତ୍ୟକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି।

ସେହିପରି ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ରକୁ ସିଙ୍ଗାପୁର ରାଷ୍ଟ୍ରପତି ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଗତକାଲି ଗସ୍ତର ପ୍ରଥମ ଦିନରେ ରାଜ୍ୟ ସରକାର ଏବଂ ସିଙ୍ଗାପୁରର ବିଭିନ୍ନ ସଂସ୍ଥା ମଧ୍ୟରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

*Puri/Desk*

## ପକ୍ଷୀଗଣନା-ଚିଲିକା-ଭିତରକନିକା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ପକ୍ଷୀଗଣନା କରାଯାଉଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡର ୫ଟି ରେଞ୍ଜ୍‌ରେ ଆଜି ପକ୍ଷୀଗଣନା ପାଇଁ ୨୫ଟି ଟିମ୍ ନିୟୋଜିତ ହୋଇଛନ୍ତି।

**ପୁରୀ** ଜିଲ୍ଲା ବ୍ରହ୍ମଗିରି ରେଞ୍ଜ ଅଞ୍ଚଳକୁ ଚାରୋଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଜୋନ୍‌ରେ ଜଣେ ବନବିଭାଗ କର୍ମଚାରୀ, ପକ୍ଷୀ ବିଶାରଦ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ତିନିଜଣିଆ ଦଳ ଗଠନ କରାଯାଇଥିବା ଜଣାପଡ଼ିଛି।

**ଭିତରକନିକା** ଜାତୀୟ ଉଦ୍ୟାନର ରାଜନଗର ବନଖଣ୍ଡରେ କନିକା, ଗହୀରମଥା, ମହାକାଳପଡ଼ା ଓ କୁଜଙ୍ଗ ଅଞ୍ଚଳର ୫ଟି ରେଞ୍ଜ୍‌ରେ ମଧ୍ୟ ପକ୍ଷୀଗଣନା ଜାରି ରହିଛି।

**ହୀରାକୁଦ** ଜଳଭଣ୍ଡାରରେ ଆଜି ପକ୍ଷୀଗଣନା କରାଯାଉଛି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଜଳଭଣ୍ଡାରର ୫୩୩ ବର୍ଗକିଲୋମିଟର ଓ ପାୱାରକେନାଲର ୫ ଦଶମିକ ୭ ବର୍ଗକିଲୋମିଟର ଅଞ୍ଚଳରେ ପକ୍ଷୀଗଣନା କରାଯାଉଛି।

*HS*

## ଡାଟା ମନିଟର ଉଦ୍‌ଘାଟନ

ରାଜ୍ୟରେ ଦେଖା ଦେଉଥିବା ବିଦ୍ୟୁତ ସରବରାହ ତ୍ରୁଟି ଉପରେ ଦୃଷ୍ଟି ରଖିବାକୁ ଡାଟା ମନିଟର ସେଣ୍ଟରକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିଛନ୍ତି। ଦେଶରେ ପ୍ରଥମଥର ପାଇଁ ଏଭଳି ସେଣ୍ଟର ଖୋଲାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହାଦ୍ୱାରା ରାଜ୍ୟର ଯେକୌଣସି ଗୋଟିଏ ଘରର ବିଦ୍ୟୁତ ମିଟର ସଂଯୋଗର ସମ୍ପୂର୍ଣ୍ଣ ତଥ୍ୟ ଉପରେ ଦୃଷ୍ଟି ରଖାଯିବା ସହ କୌଣସି ତ୍ରୁଟି ଦେଖାଦେଲେ ସମସ୍ୟାର ସମାଧାନ ମଧ୍ୟ ଶୀଘ୍ର କରାଯାଇପାରିବ। ଏହି ସେଣ୍ଟର ମାଧ୍ୟମରେ ବାତ୍ୟା ଓ କାଳବୈଶାଖୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି ମଧ୍ୟ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

***Desk***

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ

ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ରାଜ୍ୟରେ ଆସନ୍ତା ୨୨ ତାରିଖରୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା ପାଇଁ ସର୍ବେକ୍ଷଣ ଆରମ୍ଭ ହେବ । ସର୍ବେକ୍ଷଣରୁ ଆବାସ ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ । ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖାଯାଇଛି । ଏହି ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Ganjam***

# ବନାଗ୍ନି ପ୍ରତିରୋଧ ସଚେତନତା

ବିକଶିତ ଓଡ଼ିଶା ଗଠନରେ ରାଜ୍ୟବାସୀଙ୍କ ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅଧୀନ ବାଘୁଆ ଡ୍ୟାମ ନର୍ସରୀରେ ବନଖଣ୍ଡସ୍ତରୀୟ ବନାଗ୍ନି ପ୍ରତିରୋଧ ସଚେତନତା ଶିବିରକୁ ଉଦ୍‌ଘାଟନ କରି ମନ୍ତ୍ରୀ ଜନସାଧାରଣଙ୍କୁ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ଆହ୍ୱାନ ଦେଇଛନ୍ତି।

*Desk*

## ସି.ଜି.ପି.ବି.ର ବୈଠକ

ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ୬୪ତମ କେନ୍ଦ୍ରୀୟ ଭୂତାତ୍ତ୍ୱିକ ପ୍ରୋଗ୍ରାମିଂ ବୋର୍ଡ- ସି.ଜି.ପି.ବି.ର ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। କେନ୍ଦ୍ର ଖଣି ମନ୍ତ୍ରଣାଳୟ ସଚିବ ଭି.ଏଲ୍.କାନ୍ତ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନୁସନ୍ଧାନୀ ଗବେଷକ ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଭାଗ ନେବେ। ଏଥିରେ ଭୂ-ବୈଜ୍ଞାନିକ ଉନ୍ନତି, ଖଣିଜ ଅନୁସନ୍ଧାନ ରଣନୀତି, ସ୍ୱଚ୍ଛ ଶକ୍ତି, ଭୂ-ବିପର୍ଯ୍ୟୟ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ନୂତନ ପଦକ୍ଷେପ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

*Nabarangpur*

## କନ୍ୟା ସନ୍ତାନ ସପ୍ତାହ

ନବରଙ୍ଗପୁର ଜିଲ୍ଲାରେ ଜାତୀୟ କନ୍ୟା ସନ୍ତାନ ସପ୍ତାହ ଆଜିଠାରୁ ଆରମ୍ଭ ହୋଇଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ 'ସଖୀ ୱାନ୍ ଷ୍ଟପ୍' ସେଣ୍ଟର ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ଏହି ସପ୍ତାହ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାରେ  ବାଲ୍ୟ ବିବାହକୁ ଆସନ୍ତା ୨୦୩୦ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଲକ୍ଷ୍ୟ

ରଖାଯାଇଛି । ଜିଲ୍ଲାରେ ବର୍ତ୍ତମାନ ପ୍ରତି ୧ ହଜାର ପୁରୁଷଙ୍କ ମଧ୍ୟରେ ୧ ହଜାର ୬୩ ଜଣ ମହିଳା ଅଛନ୍ତି ।

***BHK***

## ଆତ୍ମରକ୍ଷା ପ୍ରଶିକ୍ଷଣ

ଭଦ୍ରକ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀମାନେ ଆତ୍ମରକ୍ଷାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ନେଇଥିଲେ ।

***Desk***

## ହକି ଇଣ୍ଡିଆ

ହକି ଇଣ୍ଡିଆ ଲିଗ୍ ଅନ୍ତର୍ଗତ ପୁରୁଷ ବର୍ଗରେ ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ହାଇଦ୍ରାବାଦ ତୁଫାନ୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଖେଳାଯିବ । ସେହିପରି ଅନ୍ୟ ଏକ ମ୍ୟାଚ୍ ଟିମ୍ ଗୋନାସିକା  ଓ ୟୁପି ରୁଦ୍ରାସ୍ ମଧ୍ୟରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବ ।

ଆସନ୍ତାକାଲି ମହିଳା ବର୍ଗରେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ରାହା ବେଙ୍ଗଲ ଟାଇଗର୍ସ ଓ ଓଡ଼ିଶା ୱାରିୟର୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ । ପରବର୍ତ୍ତୀ ମ୍ୟାଚ୍ କଳିଙ୍ଗ ଲାନସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯିବ ।

*Desk*

# ଶୀତ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ତାପମାତ୍ରା ଆହୁରି ହ୍ରାସ ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୩ ଦିନ ଘନ କୁହୁଡି ହେବା ନେଇ ୪ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*********************************